# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**12 July - 2024**

**News Editor : *Itishree Singh Rathaur***

# ରଥ-ଦକ୍ଷିଣମୋଡ଼

ପୁରୀରେ ବାହୁଡାଯାତ୍ରା ପାଇଁ ଆଜି ସକାଳ ଧୂପନୀତି ଶେଷ ହେବା ପରେ ତିନିରଥର ଦକ୍ଷିଣମୋଡ ହେବ । ଦକ୍ଷିଣ ମୋଡ଼ରେ ଶ୍ରୀଗୁଣ୍ଡିଚା ଘର ସିଂହଦ୍ୱାର ସମ୍ମୁଖରୁ ରଥଗୁଡ଼ିକ ଟଣା ହୋଇ ନାକଚଣା ଦ୍ୱାରକୁ ଆସିବେ । ପ୍ରଥମେ ଦର୍ପଦଳନ, ପରେ ତାଳଧ୍ୱଜ ଓ ଶେଷରେ ନନ୍ଦୀଘୋଷ ରଥ ଟଣାଯିବ । ସୂଚନା ଅନୁସାରେ ଗତକାଲି ଦକ୍ଷିଣମୋଡ଼ ପୂର୍ବରୁ ତିନିରଥର ସ୍ଥିତି ଯାଞ୍ଚ କରାଯାଇଥିଲା । ଗତକାଲି ବିଳମ୍ବିତ ରାତିରେ ଦେବୀ ମହାଲକ୍ଷ୍ମୀ ଶରଧାବାଲିରେ ବିଜେହୋଇ ହେରାପଞ୍ଚମୀ ନୀତି ସମ୍ପନ୍ନ ହୋଇଛି । ରଥଯାତ୍ରାରେ ଦେବୀ ଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିରରେ ଛାଡି ଭାଇଭଉଣୀଙ୍କୁ ସାଥୀରେ ନେଇ ଜନ୍ମବେଦୀରେ ମହାପ୍ରଭୁ ଉଭା ହୋଇଥିବା ବେଳେ ଅଭିମାନିନୀ ମା' ଲକ୍ଷ୍ମୀ ନନ୍ଦିଘୋଷ ରଥ ଭାଙ୍ଗିଛନ୍ତି । ରଥରେ ଲାଗିଥିବା ହଂସପଟାର ଏକ ଅଂଶକୁ ନୀତି ଅନୁଯାୟୀ ସେବକମାନେ ଭାଙ୍ଗିଥିଲେ । ଶ୍ରୀଗୁଣ୍ଡିଚା ଘରେ ବିଜେହୋଇ ଠାକୁରଙ୍କ ସମ୍ମୁଖରେ ପହଞ୍ଚି ମହାପ୍ରଭୁଙ୍କ ଆଜ୍ଞାମାଳ ପାଇଥିଲେ । ପରେ ମା' ଲକ୍ଷ୍ମୀ ହେରାଗୋହିରୀ ସାହି ହୋଇ ଶ୍ରୀମନ୍ଦିରକୁ ବାହୁଡିଥିଲେ ।

# ମୁଖ୍ୟମନ୍ତ୍ରୀ-ବଜେଟ୍ ଆଲୋଚନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ବରିଷ୍ଠ ଅଧିକାରୀଙ୍କ ସହ ପ୍ରାକ୍ ବଜେଟ୍ ଆଲୋଚନା କରିଛନ୍ତି । ବୈଠକରେ ୨୦୨୪-୨୫ ଆର୍ଥିକ ବୈଠକରେ ଉପସ୍ଥାପନ ହେବାକୁ ଥିବା ବଜେଟ୍ ଓ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ଉପରେ ଆଲୋଚନା ହୋଇଥିଲା । ସୂଚନା ଅନୁସାରେ ଆସନ୍ତା ୨୫ ତାରିଖରେ ସରକାର ବଜେଟ୍ ଉପସ୍ଥାପନ କରିବେ । ଅର୍ଥ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଥିବାରୁ ଚଳିତବର୍ଷ ସେ ନିଜେ ବଜେଟ୍ ଉପସ୍ଥାପନ କରିବେ ବୋଲି ଜଣାପଡିଛି । ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ପିପିଏଲ୍ ନିର୍ଦ୍ଦେଶକ-ମୁଖ୍ୟମନ୍ତ୍ରୀ

ରାଜ୍ୟ ଅତିଥି ଭବନରେ ଗତକାଲି ପାରାଦ୍ୱୀପ ଫସଫେଟ୍ ଲିମିଟେଡ୍ (ପିପିଏଲ୍)ର ପରିଚାଳନା ନିର୍ଦ୍ଦେଶକ ସୁରେଶ କ୍ରିଷ୍ଣନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ୍ କରିଛନ୍ତି । ଏହି ସମୟରେ ସେ ମୁଖ୍ୟମନ୍ତ୍ରୀଙ୍କୁ କହିଛନ୍ତି କମ୍ପାନୀ ପାରାଦ୍ୱୀପ କାରଖାନାରେ ୩ହଜାର କୋଟି ଟଙ୍କାର ସମ୍ପ୍ରସାରଣ ଜାରି ରଖିଛି । ସଲଫରିକ ଏସିଡ୍ ଓ ଫସଫରିକ୍ ଏସିଡ୍ ଉତ୍ପାଦନ କ୍ଷମତା ବଢ଼ାଇବାଲାଗି ସମ୍ପ୍ରସାରଣ ହେଉଛି । ଏହି କାର୍ଯ୍ୟ ୨୦୨୫-୨୬ ସୁଦ୍ଧା ଶେଷ ହେବ ବୋଲି ଶ୍ରୀ କ୍ରିଷ୍ଣନ କହିଛନ୍ତି ।

ସେହିଭଳି ରାଜ୍ୟରେ ସାର ଯୋଗାଣ ଠିକ୍ ରଖିବା ସହ ଚାଷୀଙ୍କ ପାଖରେ ସାର ପହଞ୍ଚାଇବା ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ପିପିଏଲ୍ ଅଧିକାରୀଙ୍କୁ ପରାମର୍ଶ ଦେଇଥିବା ଜଣାପଡିଛି ।

## ଜାତିଗତ ପ୍ରମାଣପତ୍ର

ରାଜ୍ୟରେ ଏବେ ବିଭିନ୍ନ ପାଠ୍ୟକ୍ରମରେ ନାମଲେଖା ପାଇଁ ଜାତିଗତ, ଆୟ ଓ ବାସସ୍ଥାନ ଆଦି ପ୍ରମାଣପତ୍ର ଆବଶ୍ୟକ ହେଉଛି । ପ୍ରମାଣପତ୍ର ଗୁଡ଼ିକ ପ୍ରଦାନରେ କୌଣସି ପ୍ରକାର ଅବହେଳା ଓ ବିଳମ୍ବ ନକରି ଛାତ୍ରଛାତ୍ରୀମାନଙ୍କୁ ଠିକ୍ ସମୟରେ ପ୍ରମାଣପତ୍ର ଉପଲବ୍ଧ କରାଇବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପରାମର୍ଶ ଦେଇଛନ୍ତି । ଶ୍ରୀ ସାହୁ କହିଛନ୍ତି ସମସ୍ତ ପ୍ରମାଣପତ୍ର ପ୍ରଦାନ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ ହୋଇଛି । ଏହାକୁ ଦୃଷ୍ଟିରେ ରଖି ତ୍ୱରିତ ସେବା ଯୋଗାଇବାକୁ ରାଜସ୍ୱ ଅଧିକାରୀମାନଙ୍କୁ ତତ୍ପର ହେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

# ଅରବିନ୍ଦ ପାଢ଼ୀ-ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ରାଜ୍ୟ ସରକାର ବରିଷ୍ଠ ଆଇଏଏସ୍ ଅରବିନ୍ଦ ପାଢ଼ୀଙ୍କୁ ପୁରୀ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଭାବେ ନିଯୁକ୍ତି ଦେଇଛନ୍ତି । ଏନେଇ ଆଇନ୍ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ଶ୍ରୀ ପାଢ଼ୀ ବର୍ତ୍ତମାନ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ଭାବେ କାର୍ଯ୍ୟରତ । ସୂଚନା

ଅନୁସାରେ ଖାଦ୍ୟଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗର ପ୍ରମୁଖ ସଚିବ ବୀର ବିକ୍ରମ ଯାଦବଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା ।

## ବିଦ୍ୟାଳୟରେ ଛାତ୍ରାବାସ ନିର୍ମାଣ

ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଶିକ୍ଷା ମାଧ୍ୟମରେ ଜନଜାତି ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିବା ପାଇଁ ଭିତ୍ତିଭୂମି ବିକାଶର ଆବଶ୍ୟକତା ରହିଛି । ଏଥିଲାଗି ରାଜ୍ୟରେ ୪୫୦ଟି ଆବାସିକ ବିଦ୍ୟାଳୟରେ ଛାତ୍ରାବାସ ନିର୍ମାଣ କରାଯିବ । ଭୁବନେଶ୍ୱର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଗତକାଲି ଅନୁଷ୍ଠିତ ଜିଲ୍ଲା ମଙ୍ଗଳ ଅଧିକାରୀ ଓ ପ୍ରକଳ୍ପ ପ୍ରଶାସକ, ଆଇଟିଡିଏ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସକୁ ବିକଶିତ କରାଯିବ।

## ମନ୍ତ୍ରୀଙ୍କ ବୈଠକ

ଆଗାମୀ ଖରିଫ ଋତୁରେ ଧାନକ୍ରୟ ନେଇ ଗତକାଲି ଖାଦ୍ୟଯୋଗାଣ ଓ ଖାଉଟୀକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ମନ୍ତ୍ରୀ ରାଜ୍ୟ ସରକାର ଧାର୍ଯ୍ୟ କରିଥିବା ସର୍ବନିମ୍ନ ସହାୟକ ମୂଲ୍ୟରେ ଯେପରି ସମସ୍ତ ଚାଷୀ ଧାନ ବିକ୍ରି

କରିପାରିବେ ଏବଂ ମଣ୍ଡିକୁ ଧାନ ଆଣୁଥିବା ଚାଷୀ ଅସୁବିଧାର ସମ୍ମୁଖୀନ ନହେବେ ସେଥିପ୍ରତି ଦୃଷ୍ଟିଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଚିକିତ୍ସା ପାଇଁ ସହାୟତା

ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ତାଙ୍କ ଚିକିତ୍ସା ନିମନ୍ତେ ସରକାରଙ୍କ ତରଫରୁ ୩ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରାଯାଇଛି । ସୂଚନା ଅନୁସାରେ ୧୦୬ ବର୍ଷୀୟ ଶ୍ରୀ ସ୍ୱାଇଁ ଦୀର୍ଘଦିନ ହେବ ଚିକିତ୍ସାଧୀନ ଅଛନ୍ତି । ଗଞ୍ଜାମ ଜିଲ୍ଲା ଶେରଗଡ ଗୋବିନ୍ଦପୁର ବଡଦାଣ୍ଡ ସାହିର ଲୋକନାଟକ 'କୃଷ୍ଣଲୀଳା'ର ଗାୟକ ଶ୍ରୀ ସ୍ୱାଇଁଙ୍କୁ କଳାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଚଳିତବର୍ଷ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା ।